### ମୟୂରଭଞ୍ଜର ସମ୍ବେଦନଶୀଳ ଜନଜାତି 'ଲୋଧା'

# ଐତିହାସିକ କଳଙ୍କ ଲିଭିଛି, ବିକାଶ ପାଇଁ କରୁଛି ସଂଘର୍ଷ

ବାରିପଦା ୯ ।୩(ସମିସ)



କେଉଁ କାଳରୁ ମୟୂରଭଞ୍ଜ ଜିଲ୍ଲାରେ ବାସ କରୁଛନ୍ତି ଲୋଧା ଜନଜାତି । ଏହି ଜନଜାତିକୁ ବିଶେଷ ସମ୍ବେଦନଶୀଳ ଜନଜାତି (ପିଭିଟିଜି) ଭାବେ ଚିହ୍ନିତ କରାଯାଇଛି । ଆଜି ମଧ୍ୟ ପଛୁଆ ଭାବେ ଗଣନା କରାଯାଉଛି । ଜିଲ୍ଲାର ଶୁଳିଆପଦା ଓ ମୋରଡ଼ା ବ୍ଲକରେ ମୁଖ୍ୟତଃ ରହୁଥିବା ଏହି ଜନଜାତିର ଜନସଂଖ୍ୟା ପ୍ରାୟ ୯ ହଜାର । ବ୍ରିଟିଶ୍ ଶାସନ କାହିଁକି ଆଧୁନିକ ସମାଜରେ ଏହି ଜନଜାତିଙ୍କୁ 'ଅପରାଧୀ ଜନଜାତି' ଭାବେ କଳଙ୍କ ମୁଣ୍ଡାଇଥିବାବେଳେ ଏବେ ସେ ଦାଗକୁ ପୋଛିଛନ୍ତି ମୋରଡା ବ୍ଲକ ଲୋଧାସାହିର ଛାତ୍ରୀ । ଉଚ୍ଚଶିକ୍ଷା ସହିତ ପିଏଚଡି କରି ନିଜ କୂଳର ନାଁ ରଖିଛନ୍ତି । ତେବେ ଜଙ୍ଗଲ ଉପରେ ନିର୍ଭରଶୀଳତା, ଶିକ୍ଷାର ଅଭାବ ଓ ସଚେତନତାର ଅଭାବ ଯୋଗୁଁ ସେମାନଙ୍କର ଯେପରି ଭାବେ ବିକାଶ ହେବା କଥା ହୋଇପାରୁନି । ସେମାନଙ୍କ ପାଇଁ ପ୍ରତିବର୍ଷ ସ୍ୱତନ୍ତ୍ର ବଜେଟ ହୋଇଥିବାବେଳେ ବିକାଶ ସାଧନ ହୋଇପାରୁନି ।

୮୦ ଦଶକରେ ଯେତେବେଳେ ଏହି ଜନଜାତିଙ୍କ ବିକାଶ କଥା ଚିନ୍ତା କରାଗଲା, ସେ ସମୟରେ ସାକ୍ଷରତା ହାର ୧୦ରୁ କମ ଥିଲା । ଏବେ ଜିଲ୍ଲାର ସାକ୍ଷରତା ହାର ୬୩.୨ ପ୍ରତିଶତ ହୋଇଥିବାବେଳେ ଲୋଧା ମହିଳାଙ୍କର ମାତ୍ର ୪୧.୨ ପ୍ରତିଶତ ରହିଥିବାବେଳେ ବାଲ୍ୟ ବିବାହ, ଭାଷାଗତ ସମସ୍ୟା, ପ୍ରାଥମିକ ଶିକ୍ଷା ପାଇଁ ଶିକ୍ଷକଙ୍କ ଅଭାବ ସହ ଡ୍ରପଆଉଟ୍ ହାର (୧୬.୮୯ ପ୍ରତିଶତ) ଯୋଗୁଁ ନାରୀ ଶିକ୍ଷା ବିଶେଷ ଭାବେ ପ୍ରଭାବିତ ହୋଇଛି । କୁଶିକ୍ଷା ଯୋଗୁଁ ଯୁବକମାନେ ଦାଦନ ଶ୍ରମିକ ହେଉଥିବାବେଳେ ସେଠାରେ ମାଲିକଙ୍କ ଚକ୍ରାନ୍ତର ଶିକାର ହୋଇ ୧୦ରୁ ଅଧିକ ଏବେ ବି ନିଖୋଜ ଥିବା ସ୍ଥାନୀୟ ପୁଲିସ ନିକଟରୁ ସୂଚନା ମିଳିଛି । ସବୁଠୁ ବଡ ସମସ୍ୟା ହେଉଛି ଏବେ ବି ଲୋଧା ମହିଳାଙ୍କ ମଧ୍ୟରୁ ୮୦ ପ୍ରତିଶତ ମହିଳା କୁପୋଷଣର ଶିକାର ହୋଇଥିବାବେଳେ ୪୫ ପ୍ରତିଶତ ମହିଳା ଆନିମିଆ ଓ ୩ ପ୍ରତିଶତ ଗୁରୁତର ଆନିମିଆର ଶିକାର ହୋଇ ଜିଲ୍ଲା ଚିକିତ୍ସାଳୟରୁ ଔଷଧ ନେଇ ସେବନ କରୁଛନ୍ତି ।

କେବଳ ମହିଳା ନୁହଁନ୍ତି ଶିଶୁମାନଙ୍କ କ୍ଷେତ୍ରରେ ମଧ୍ୟ କୁପୋଷଣ ଜିଲ୍ଲା ପାଇଁ ମୁଣ୍ଡବିନ୍ଧାର କାରଣ ସାଜିଛି । ଶିଶୁମାନଙ୍କର ବୌଦ୍ଧିକ ବିକାଶ ନ ହେବା, ସ୍ୱଳ୍ପ ଓଜନଗତ ଶିଶୁଙ୍କ ଜୀବନ ରକ୍ଷା ପାଇଁ ଚିନ୍ତା ବଢ଼ିଛି । ଏଥିସହ ସାଧାରଣ ରୋଗ ହେଲେ ଯେମିତି ୫୫ ପ୍ରତିଶତ ମହିଳା ଓ ପୁରୁଷଙ୍କ କ୍ଷେତ୍ରରେ ଅସ୍ଥିକ୍ଷୟ ରୋଗ, ୨୯ ପ୍ରତିଶତ ଅଧିବାସୀଙ୍କ ଆଖି ରୋଗ ଜିଲ୍ଲା ପାଇଁ ଚିନ୍ତାଜନକ ଭାବେ ସାବ୍ୟସ୍ତ ହୋଇଛି । ଏଥିପାଇଁ ସେମାନଙ୍କ ପାଇଁ ଡାକ୍ତରଖାନା ସହ ସ୍ୱତନ୍ତ୍ର ସ୍ୱାସ୍ଥ୍ୟ ଶିବିର କରାଯାଉଥିବା ଜଣାପଡ଼ିଛି । ଏବେ ଲୋଧା ଜନଜାତିଙ୍କ ଘରକୁ ମାତ୍ର ୪୪.୨୯ ପ୍ରତିଶତ ପାଇପ ଜଳ ଯୋଗାଣ ହୋଇଥିବାବେଳେ ପାନୀୟ ଜଳ ପ୍ରକଳ୍ପଠାରୁ ରହୁଥିବା ଦୂରଗାମୀ ବସ୍ତିରେ ଏହି ସଂଖ୍ୟା ଆହୁରି କମ୍ ଥିବା ଜଣାପଡ଼ିଛି । ତେବେ ଏବେବି ୪ ହଜାର ୧୫୫ଟି ପରିବାର ଏବେ ଭୂମିହୀନ ଭାବେ କାଳ କାଟୁଥିବାବେଳେ ସ୍ୱଚ୍ଛ ଭାରତ ମିଶନରେ ମାତ୍ର ୧, ୦୨୫ ଗାଁ ଓଡିଏଫ୍ ପ୍ଲସରେ ଯୋଗଦାନ ରହିଛି । ଏବେ ବିଦ୍ୟୁତ୍ ୭୦ ପ୍ରତିଶତ ଗାଁରେ ପହଞ୍ଚି ଥିବାବେଳେ ରାସ୍ତା ଓ ସ୍ୱଚ୍ଛ ପାଇଖାନା ମିଳିବାରେ ବିଳମ୍ବ ହୋଇଥିବା ଦେଖିବାକୁ ମିଳିଛି । ୧୯୮୬ରେ ଗଠିତ ଲୋଧା ଡେଭଲପମେଣ୍ଟ ଏଜେନ୍ସି (ଏଲଡିଏ) ଲୋଧାଙ୍କ ପାଇଁ ରହିଥିବାବେଳେ ଅପର୍ଯ୍ୟାପ୍ତ ମାନବ ସମ୍ବଳ ଓ କାର୍ଯ୍ୟକ୍ଷେତ୍ରରେ ଦୁର୍ନୀତି ଯୋଗୁଁ ଫଳବତୀ ହୋଇପାରୁନାହିଁ । କିନ୍ତୁ ଏହା ଗୋଷ୍ଠୀ ବିକାଶ, ଦକ୍ଷତା ବିକାଶ, କୃଷି, ପଶୁପାଳନ ଓ ସ୍ୱାସ୍ଥ୍ୟ କେନ୍ଦ୍ର ମାଧ୍ୟମରେ ଉନ୍ନତି ଆଣିବାକୁ ଚେଷ୍ଟା କରୁଛି । ଏ ନେଇ ଏଲଡିଏ ଭବାନୀ ପ୍ରସାଦ ପାଢ଼ୀ କହିଛନ୍ତି, ପ୍ରଧାନମନ୍ତ୍ରୀ ଜନଜାତି ଆଦିବାସୀ ନ୍ୟାୟ ମହାଅଭିଯାନ ପିଏମ୍-ଜନମନ ଯୋଜନା ଅଧୀନରେ ୨୪, ୦୦୦ କୋଟି ଟଙ୍କାରେ ଓଡ଼ିଶାରେ ୨୮, ୩୮୩ ପକ୍କା ଘର ପ୍ରଦାନ କରାଯାଇଥିବାବେଳେ ମୟୂରଭଞ୍ଜ ଜିଲ୍ଲାର ଏହି ଲୋଧା ଜନଜତିଙ୍କ ପାଇଁ ବ୍ୟବସ୍ଥିତ ହୋଇଛି । ଆଗାମୀ ଦିନରେ ଏ ନେଇ ଅଧିକ ବ୍ୟବସ୍ଥା କରିବାକୁ ମାନବ ସମ୍ବଳ ଆବଶ୍ୟକତା ରହିଥିବା ସେ କହିଛନ୍ତି ।

### ବିପଦପୂର୍ଣ୍ଣ ବାରିପଦା-ଉଦଳା ରାଜ୍ୟ ରାଜପଥ

## ମୟୂରଭଞ୍ଜ ମୁକ୍ତିମୋର୍ଚ୍ଚାର ମରାମତି ଦାବି



**ବାରିପଦା, ୯ ।୩(ସମିସ):** ଏବେ ବାରିପଦା-ଉଦଳା ରାଜ୍ୟ ରାଜପଥ ଶୋଚନୀୟ ହୋଇପଡ଼ିଛି । ଏହି ବିପଦପୂର୍ଣ୍ଣ ରାଜପଥର ମରାମତି କରାଯିବା ନେଇ ସୋମବାର ମୟୂରଭଞ୍ଜ ମୁକ୍ତିମୋର୍ଚ୍ଚା ସଂଗଠନ ଜିଲ୍ଲା ସଭାପତି ଧରମରାଜ ହାଁସଦାଙ୍କ ନେତୃତ୍ୱରେ ଅତିରିକ୍ତ ଜିଲ୍ଲାପାଳ ନେତ୍ରାନନ୍ଦ ମଲିକଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି । ଉକ୍ତ ରାଜପଥର ମରାମତି କରା ନ ଗଲେ ମୟୂରଭଞ୍ଜ ମୁକ୍ତିମୋର୍ଚ୍ଚା ଆନ୍ଦୋଳନ କରିବାକୁ ଚେତାବନୀ ଦେଇଛି ।

ମୟୂରଭଞ୍ଜ ଜିଲ୍ଲାର ବାରିପଦା-ଉଦଳା ୧୯ ନଂ ରାଜପଥ ଏକ ବ୍ୟସ୍ତବହୁଳ ସଡ଼କ ଅଟେ । ବର୍ତ୍ତମାନ ବାରିପଦାରୁ ଉଦଳା ରାସ୍ତା ଶୋଚନୀୟ ହୋଇପଡ଼ିଛି । ମରାମତି ଅଭାବରୁ ବିଭିନ୍ନ ସ୍ଥାନରେ ପିଚୁ ଉଠିଯାଇ ଖାଲ ସୃଷ୍ଟି ହୋଇଛି । ଅଧିକାଂଶ ସ୍ଥାନରେ ପିଚୁ ଉଠିଯାଇ ବଡ଼ ବଡ଼ ଖାଲ ହୋଇଥିବାରୁ ବେଶୀ ହସ୍ତସନ୍ତ ହୋଉଛନ୍ତି ଦୁଇଚକିଆ ଯାନର ଯାତ୍ରୀ । ବହୁ ସମୟରେ ଦୁର୍ଘଟଣା ଘଟି ନିରୀହଙ୍କ ମୃତ୍ୟୁ ଘଟୁଛି । ବାରିପଦାରୁ କପ୍ତିପଦା ଉପଖଣ୍ଡ ମହକୁମା ଉଦଳାକୁ ପ୍ରତ୍ୟେକ ମାସରେ ଉଚ୍ଚ ଅଧିକାରୀ ଶୀତତାପ ନିୟନ୍ତ୍ରିତ ଗାଡିରେ ଭିନ୍ନ ଭିନ୍ନ ସରକାରୀ କାର୍ଯ୍ୟରେ ଯାଉଥିବାବେଳେ ରାସ୍ତା ଦୁରବସ୍ଥା ଉପରେ କାହାରି ନଜରରେ ନ ପଡ଼ିବା ଦୁଃଖଦାୟକ । କରଞ୍ଜିଆ ଛକ, ଲାଲଗୋଞ୍ଜ ଛକ, ବାଲିଯୋଡ଼ା ଛକ, କାଦୁଅଲବନ୍ଧ ଛକ, ଡୁକୁରା, ବାସିପୀଠା, ପୁରୁଣାପାଣି ଛକ ଆଦିରେ ବଡ ବଡ ଖାଲ ହୋଇଛି । ତୁରନ୍ତ ଖାଲ ମରାମତି କରାଯାଉ, ନଚେତ ଆଗାମୀ ୭ଦିନ ପରେ ସଂଗଠନ ପୂର୍ତ୍ତ ବିଭାଗ କାର୍ଯ୍ୟାଳୟ ଘେରଉ କରିବ ବୋଲି ଚେତାବନୀ ଦେଇଛି । ଯଦି ଏହାର କୌଣସି ପଦକ୍ଷେପ ଗ୍ରହଣ କରା ନ ଯାଏ ତେବେ ସଂଗଠନ ପକ୍ଷରୁ ଆନ୍ଦୋଳନ କରାଯିବ । ଦାବିପତ୍ର ପ୍ରଦାନ ସମୟରେ ସଭାପତି ଧରମରାଜଙ୍କ ସହିତ, ସମ୍ପାଦକ ଠାକୁର ସୋରେନ, ଗଣେଶ ମାର୍ଣ୍ଡି, ବୀରେନ୍ଦ୍ର ଟୁଡୁ, ବିକାଶ ଟୁଡୁ ପ୍ରମୁଖ ଉପସ୍ଥିତ ଥିଲେ ।

## ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରିଣୀଙ୍କୁ ଶ୍ରେଷ୍ଠ ସମ୍ମାନ



**ବାରିପଦା, ୯ ।୩ (ସମିସ):** ରାଜ୍ୟସ୍ତରୀୟ ଆନ୍ତର୍ଜାତିକ ମହିଳା ଦିବସ ଉତ୍ସବ ପୁରୀରେ ଅନୁଷ୍ଠିତ ହୋଇଯାଇଛି । ଏ ଅବସରରେ ମୟୂରଭଞ୍ଜ ଜିଲ୍ଲାର ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରିଣୀ (ଡିସିପିଓ) ମମତା ବିଶ୍ୱାଳଙ୍କୁ ଶ୍ରେଷ୍ଠ ଡିସିପିଓ ପୁରସ୍କାରରେ ସମ୍ମାନିତ କରାଯାଇଛି । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଏହି ପୁରସ୍କାର ପ୍ରଦାନ କରିଥିଲେ । ମୟୂରଭଞ୍ଜ ଜିଲ୍ଲାରେ ଶ୍ରୀମତୀ ବିଶ୍ୱାଳଙ୍କ ଶିଶୁ ସୁରକ୍ଷା ଓ ସମ୍ମିଳନ କ୍ଷେତ୍ରରେ ଅବଦାନ ପାଇଁ ଏହି ସମ୍ମାନ ପ୍ରଦାନ କରାଯାଇଥିବା ଜଣାପଡ଼ିଛି । ସେ ମୟୂରଭଞ୍ଜ ଜିଲ୍ଲାରେ ଶିଶୁ ଅଧିକାର ସୁରକ୍ଷା, ଶିଶୁ ବିବାହ ରୋକିବା ଓ ଅନ୍ୟାନ୍ୟ ସମ୍ମିଳନମୂଳକ କାର୍ଯ୍ୟକ୍ରମରେ ଉଲ୍ଲେଖନୀୟ ଭୂମିକା ନିର୍ବାହ କରିଆସୁଛନ୍ତି । ଏହି ଉତ୍ସବରେ ରାଜ୍ୟର ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ଦେଇଥିବା ମହିଳାଙ୍କୁ ସମ୍ମାନିତ କରାଯାଇଥିଲା । ମହିଳାମାନଙ୍କ ସଶକ୍ତୀକରଣ, ନେତୃତ୍ୱ ଓ ସମାଜରେ ସେମାନଙ୍କର ଭୂମିକାକୁ ଏହି ଅବସରରେ ବିଶେଷ ଭାବେ ପ୍ରଶଂସା କରାଯାଇଥିଲା । ମୟୂରଭଞ୍ଜ ଜିଲ୍ଲା ପ୍ରଶାସନ ଓ ଜିଲ୍ଲାପାଳ ହେମକାନ୍ତ ସଏ ଏହି ସଫଳତା ପାଇଁ ଶ୍ରୀମତୀ ବିଶ୍ୱାଳଙ୍କୁ ଅଭିନନ୍ଦନ ଜଣାଇଛନ୍ତି । ଏହା ଜିଲ୍ଲାର ପାଇଁ ଗର୍ବର ବିଷୟ ବୋଲି କହାଯାଇଛି । ଏହି ପୁରସ୍କାର ଶିଶୁ ସୁରକ୍ଷା କ୍ଷେତ୍ରରେ କାର୍ଯ୍ୟରତ ଅଧିକାରୀମାନଙ୍କ ପାଇଁ ପ୍ରେରଣା ସ୍ୱରୂପ ହେବ ବୋଲି ଆଶା କରାଯାଉଛି । ଶ୍ରୀମତୀ ମମତା ବିଶ୍ୱାଳଙ୍କ ଏହି ସଫଳତା ରାଜ୍ୟର ଅନ୍ୟ ଜିଲ୍ଲାଗୁଡ଼ିକୁ ମଧ୍ୟ ପ୍ରେରିତ କରିବ । ତେବେ ଏହା ଜିଲ୍ଲା ଟିମର ସଫଳତା, ଏଥିପାଇଁ ସେ ସମସ୍ତଙ୍କୁ କୃତଜ୍ଞତା ଜଣାଇଛନ୍ତି ।

### ବିଭିନ୍ନ ପଞ୍ଚାୟତରେ ପାନୀୟଜଳ ସମସ୍ୟା ଉତ୍କଟ

## ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହେଲା ସୀମାନ୍ତ ଯୁବ ସମିତି

**ସାରସକଣା, ୯।୩(ସମିସ):** ମୟୂରଭଞ୍ଜ ଜିଲ୍ଲାରେ ପ୍ରତ୍ୟେକ ମାସ ଭଳି ମାର୍ଚ୍ଚ ମାସର ପ୍ରଥମ ସପ୍ତାହରେ ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ଅଭିଯୋଗ ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ସାରସକଣା ବ୍ଲକର ବିଭିନ୍ନ ପଞ୍ଚାୟତରେ ରହିଥିବା ପାଣି ସମସ୍ୟାକୁ ନେଇ ଜିଲ୍ଲା ଅଧିକାରୀଙ୍କୁ ଭେଟିଛନ୍ତି ସୀମାନ୍ତ ଯୁବ ସମିତିର ସଭାପତି ଓ କର୍ମକର୍ତ୍ତା । ପରେ ସମସ୍ୟା ଘେରରେ ରହିଥିବା ଗ୍ରାମକୁ ପାଣି ଯୋଗାଇଦେବାକୁ ଉପଜିଲ୍ଲାପାଳ ଓ ଅତିରିକ୍ତ ଜିଲ୍ଲାପାଳ ପ୍ରକାଶ କରିଛନ୍ତି ।



ସୂଚନା ମୁତାବକ, ସୋସିଆଲ ମିଡ଼ିଆ ଯୋଗେ ଅଞ୍ଚଳର କେଉଁ ଗ୍ରାମରେ ପାଣିର ସମସ୍ୟା ରହିଛି, ସେନେଇ ପ୍ରଶ୍ନ ଉଠିଥିଲା । ଏ ଅବସରରେ ରାଜାଲୋକା ପଞ୍ଚାୟତର ପୂର୍ଣ୍ଣଚନ୍ଦ୍ର ବିନ୍ଧାଣି, ସୁରୁବାଲି ସିଂ ରାଉତରା, ମହାନଳା, ସରଗଡ଼ା, ରାଜାଲୋକା ପୁରୁଣାପାଣିର ବିଭିନ୍ନ ଗାଁ, ଜଳଦା ପଞ୍ଚାୟତର ପ୍ରଦୀପ୍ତ ପରିଡ଼ା, କ୍ରିଷ୍ଣା ଦାସ, ବିଜୁ ମହାପାତ୍ର, ଝାରପୋଖରୀଆ ପଞ୍ଚାୟତର ଡ ପ୍ରଶାନ୍ତ ସାମନ୍ତରାୟ, ଭାଗୀରଥି ପ୍ରହରାଜ, ବିଶ୍ୱନାଥ ମହାନ୍ତ, ଭୁରୁଶାଣି ପଞ୍ଚାୟତର ପ୍ରମୋଦ ସୋରେନ, ଶୀର୍ଷାର ସୁବ୍ରତ ମହାପାତ୍ର, ପଦ୍ମଲୋଚନ ସାମନ୍ତରାୟ, ସନ୍ଦୀପ କୁମାର ମହାନ୍ତ, ଉମାଦେଇପୁର ପଞ୍ଚାୟତର ମାଣିକ ଲାଲ ବାରିକ, ରଞ୍ଜିତ କୁମାର, ଶଙ୍ଖାଭଙ୍ଗାର ପଞ୍ଚାୟତର ଲାଗେନ ଚନ୍ଦ୍ର କିସ୍କୁ ଓ ସିଲଫୋଡି ପଞ୍ଚାୟତର ରବୀନ୍ଦ୍ର ସେବତୀ ଓ ପ୍ରକାଶ ସାହୁ ପ୍ରମୁଖ ଗ୍ରାମରେ ରହିଥିବା ପାନୀୟଜଳ ସମସ୍ୟା କଥା ଉପସ୍ଥାପନ କରିଥିଲେ । ସାରସକଣା ବ୍ଲକର ଜାଲଦା ପଞ୍ଚାୟତର ପାଣିପୋଷି ଓ ପୁନାସିଆ ଗ୍ରାମ, ଉମାଦେଇପୁର ପଞ୍ଚାୟତର ଘୁଣ୍ଟିଆବୁଡ଼ା ଧବଣି ଗ୍ରାମ, କେନ୍ଦୁଆ ଗ୍ରାମର ଆଦିବାସୀ ସାହି ଓ ମାନଭଞ୍ଜ ଗ୍ରାମ, ଝାରପୋଖରୀଆ ପଞ୍ଚାୟତ ପଡ଼ାସିଆ ଓ ବଣବୁଡ଼ାମରା ଗ୍ରାମ ସହିତ ବମ୍ବେଛକ ବଜାର ଅଞ୍ଚଳ, ଭୁରୁଶାଣି ପଞ୍ଚାୟତର କୁଅଁରଡ଼ିହି, ନୂଆଗାଁ, ପୁରୁଣାପାଣି, ଶୀର୍ଷା ପଞ୍ଚାୟତ ନେଦା ଗ୍ରାମ, ଦକ୍ଷିଣବାଦୀ ଗ୍ରାମ, ପାଣ୍ଡରା ପଞ୍ଚାୟତର ଅସ୍ତିଆ ଡିପାସାହି ଗ୍ରାମ, ପୋଖରୀଆ ପଞ୍ଚାୟତର ଭୁରକୁଣ୍ଡବାଡ଼ି କାସିଆବେଡା ଗ୍ରାମ, ଶଙ୍ଖାଭଙ୍ଗା ପଞ୍ଚାୟତର କୁକୁଡ଼ାଅଣ୍ଡା ଜାହିରାଠାରୁ ପଶ୍ଚିମରେ ଡୁଗ୍ରୀ ସାହି ଗ୍ରାମ, ସିଲଫଡି ପଞ୍ଚାୟତ ଖଇରବଣି ମାରେଡ଼ିହି ଗ୍ରାମରେ ପାନୀୟ ଜଳ ସମସ୍ୟା ଦେଖିବାକୁ ମିଳିଲାଣି । ଏ ନେଇ ଲିଖିତ ଭାବେ ସୀମାନ୍ତ ଯୁବ ସମିତି ଓ ଜାତୀୟ ଯୁବ ପ୍ରକଳ୍ପ ତରଫରୁ ଅନୁଷ୍ଠାନର ସଭାପତି ଅଶୋକ ପୃଷ୍ଟି, ସମ୍ପାଦକ ଅଶ୍ୱନୀ କୁମାର ମହାନ୍ତ, ବରିଷ୍ଠ ସଦସ୍ୟ ଲମ୍ବୋଦର ନାଏକ, ସଂଯୋଜକ ମଳୟ ନାୟକ ପ୍ରମୁଖ ଜିଲ୍ଲା ଅଭିଯୋଗ ପ୍ରକୋଷ୍ଠରେ ଆୟୋଜିତ ଜନଶୁଣାଣି ଅବସରରେ ଅତିରିକ୍ତ ଜିଲ୍ଲାପାଳ ନେତ୍ରାନନ୍ଦ ମଲ୍ଲିକ ଓ ଉପଜିଲ୍ଲାପାଳ ଦୟାସିନ୍ଧୁ ପରିଡ଼ାଙ୍କୁ ଭେଟି ଲିଖିତ ଅଭିଯୋଗ କରିଥିଲେ । ତୁରନ୍ତ ପାନୀୟ ଜଳ ଯୋଗାଣ ନିମନ୍ତେ ପଦକ୍ଷେପ ନେବାକୁ ଜିଲ୍ଲା ଅଧିକାରୀଙ୍କୁ ଅତିରିକ୍ତ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ଏହାର ଉଚିତ ସମାଧାନ ନ ହେଲେ ଯୋଗାଯୋଗ କରିବାକୁ ପରାମର୍ଶ ଦେଇଥିଲେ ।

## ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ କପ୍ କ୍ରିକେଟ୍ ସ୍ଥଗିତ

**ବାରିପଦା, ୯ ।୩(ସମିସ):** ମୟୂରଭଞ୍ଜ ମହୋତ୍ସବ କମିଟି ଓ ମୟୂରଭଞ୍ଜ ଆଥଲେଟିକ ଆସୋସିଏସନର ମିଳିତ ଆନୁକୂଲ୍ୟରେ ଆୟୋଜିତ ହେବାକୁ ଥିବା ପ୍ରଥମ ସର୍ବଭାରତୀୟ ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ ପ୍ରଚଣ୍ଡ ଖରାକୁ ଆଖିଆଗରେ ରଖି ବର୍ତ୍ତମାନ ସ୍ଥଗିତ ରଖାଗଲା ବୋଲି ଆୟୋଜନ କମିଟିର ଗଣମାଧ୍ୟମ ସଂଯୋଜକ ସୋମନାଥ ସିଂହ ଜଣାଇଛନ୍ତି । ୧୬ଟି ଦଳକୁ ନେଇ ୨୦-୨୦ ଫର୍ମାଟରେ ଚଳିତ ମାର୍ଚ୍ଚ ମାସ ୧୫ ତାରିଖରୁ ଏହି ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହେବାର ଥିଲା ବୋଲି ପୂର୍ବରୁ କମିଟି ପକ୍ଷରୁ ଗଣମାଧ୍ୟମରେ ପ୍ରକାଶ କରାଯାଇଥିଲା । ଭୀଷଣ ଖରାକୁ ଆଖି ଆଗରେ ରଖି ଏହି ଟୁର୍ଣ୍ଣାମେଣ୍ଟକୁ ଆଗାମୀ ନଭେମ୍ବର ମାସରେ କରାଯିବ ବୋଲି କମିଟି ନିଷ୍ପତ୍ତି ନେବା ସହ ଆବଶ୍ୟକ ସ୍ଥଳେ ଏହାକୁ ଦିବାରାତ୍ର ଟୁର୍ଣ୍ଣାମେଣ୍ଟରେ ପରିଣତ କରାଯାଇପାରେ ବୋଲି ଶ୍ରୀ ସିଂହ ପ୍ରକାଶ କରିଛନ୍ତି ।

## ସର୍ବଭାରତୀୟ ଜଗନ୍ନାଥ ମିସ୍ତ୍ରି ସ୍ମାରକୀ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ

**ବାରିପଦା, ୯ ।୩(ସମିସ):** ସ୍ଥାନୀୟ ମଧୁବନ ମିନି ଷ୍ଟାଡିୟମରେ ଜଗନ୍ନାଥ ମିସ୍ତ୍ରି ସ୍ମୃତି କମିଟି ଆନୁକୂଲ୍ୟରେ ଆୟୋଜିତ ଦ୍ୱିତୀୟ ବାର୍ଷିକ ସର୍ବଭାରତୀୟ ଦିବାରାତ୍ର ଜଗନ୍ନାଥ ମିସ୍ତ୍ରି ସ୍ମାରକୀ ମୟୂରଭଞ୍ଜ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦଘାଟିତ ହୋଇଯାଇଛି । ମୁଖ୍ୟଅତିଥି ଭାବେ ବାରିପଦା ବିଧାୟକ ପ୍ରକାଶ ସୋରେନ ଓ ସମ୍ମାନିତ ଅତିଥି ଭାବେ ଉପ ନଗରପାଳ ସୀମା ଦାସ ଯୋଗଦେଇ ଏହି ଟୁର୍ଣ୍ଣାମେଣ୍ଟକୁ ଉଦଘାଟନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଆୟୋଜନ କମିଟି ଅଧ୍ୟକ୍ଷ ଅସିତ ବରଣ ପତି, ଅଭ୍ୟର୍ଥନା କମିଟି ଅଧ୍ୟକ୍ଷ ଜୀବନ ସାହୁ, ସାଧାରଣ ସମ୍ପାଦକ ଅଶୋକ ମିସ୍ତ୍ରି, ସାଙ୍ଗଠନିକ ସମ୍ପାଦକ ଅମର କୁମାର ସେଠୀଙ୍କ ସମେତ ମୁଖପାତ୍ର ନରୋତ୍ତମ ପାଣିଗ୍ରାହୀ, ବରିଷ୍ଠ ସଦସ୍ୟ କୈଳାସ ବେହେରା, ତ୍ରୈଲୋଚନ ପାତ୍ର, କୁମାର ରଞ୍ଜନ ପଣ୍ଡା, ପ୍ରଦୀପ ମିସ୍ତ୍ରି, ରାଜୀବ ମିସ୍ତ୍ରି, ସନ୍ତୋଷ କୁମାର ବରଜ, ବିନୋଦ ସିଂ ବାବୁ, ବନ ମଉଗଜ, ମହାଦେବ ପାତ୍ର, ସୁମନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ । ମୟୂରଭଞ୍ଜ ଫୁଟବଲର ପ୍ରବାଦ ପୁରୁଷ ସ୍ୱର୍ଗତ ଜଗନ୍ନାଥ ମିସ୍ତ୍ରିଙ୍କ ସ୍ମୃତିରେ ଆୟୋଜିତ ଏହି ଟୁର୍ଣ୍ଣାମେଣ୍ଟରେ ୧୬ଟି ଦଳ ଅଂଶଗ୍ରହଣ କରିଥିବାବେଳେ ୧୩ ତାରିଖରେ ଫାଇନାଲ ମ୍ୟାଚ ଖେଳାଯିବ । ପ୍ରଥମ ମ୍ୟାଚରେ କିସାନ ବ୍ରଦର୍ସ ୧- ୦ ଗୋଲରେ କେନ୍ଦୁଆ ଏଫସି, ଦ୍ୱିତୀୟ ମ୍ୟାଚ୍‌ରେ ଏମଏସସିବି ବିଶ୍ୱବିଦ୍ୟାଳୟ ୩-୦ ଗୋଲରେ କରଞ୍ଜିଆର ବିଏମ ସ୍ପୋର୍ଟିଂକୁ ପରାସ୍ତ କରିଛି ।

## ମୟୂରଭଞ୍ଜ ଛଉର ପ୍ରଥମ ମହିଳା କଳାକାରଙ୍କ ସ୍ମୃତିରେ ଫେସବୁକ୍ ଇନ୍‌ଷ୍ଟାଗ୍ରାମ୍ ପୃଷ୍ଠା ଲୋକାର୍ପିତ

**ବାରିପଦା, ୯ ।୩(ସମିସ):** ଆନ୍ତର୍ଜାତିକ ମହିଳା ଦିବସ ଅବସରରେ ଉତ୍ତର ସାହି ଛଉନୃତ୍ୟ ପ୍ରତିଷ୍ଠାନ ମୟୂରଭଞ୍ଜ ଛଉର ପ୍ରଥମ ମହିଳା କଳାକାରଙ୍କୁ ସମ୍ମାନ ଦେଇ ତାଙ୍କ ସ୍ମୃତିରେ ଫେସବୁକ୍ ଓ ଇନଷ୍ଟାଗ୍ରାମ୍ ପୃଷ୍ଠା ମାଆ ଅମ୍ବିକା ମନ୍ଦିରରେ ପୂଜା ଅର୍ଚ୍ଚନା ପରେ ଲୋକାର୍ପଣ କରାଯାଇଛି । ଏହି ଲୋକାର୍ପଣ କାର୍ଯ୍ୟକ୍ରମରେ ଅତିଥି ଭାବେ ଉପନଗରପାଳ ସୀମା ଦାସ, ବିଶିଷ୍ଟ



ନୃତ୍ୟଗୁରୁ ଅନୁବାଳା ମହାନ୍ତି, ରେଡିଓ ତଥା ଦୂରଦର୍ଶନର ବର୍ଷୀୟାନ ଗାୟିକା ଅଞ୍ଜଳି ମିଶ୍ର ଓ ଏନଏଚଏମ, କୁଳିଅଣା ବ୍ଲକ ମ୍ୟାନେଜର ଦେବୀ ଅର୍ଚ୍ଚନା ମହାପାତ୍ର ପ୍ରମୁଖ ଯୋଗଦେଇ ମୟୂରଭଞ୍ଜ ଛଉରେ ସୁମିତ୍ରା ଦେବୀଙ୍କ ପ୍ରବେଶ ଏକ ନୂତନ ଅଧ୍ୟାୟ ସୃଷ୍ଟି କରିବା ସହ ପରବର୍ତ୍ତୀ ସମୟରେ ମହିଳା କଳାକାରଙ୍କୁ ଛଉ ନୃତ୍ୟ ପ୍ରତି ଆକୃଷ୍ଟ କରିଥିଲା ବୋଲି ମତ ପ୍ରକାଶ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଉତ୍ତରସାହି ଛଉନୃତ୍ୟ ପ୍ରତିଷ୍ଠାନର ସମସ୍ତ ମହିଳା କଳାକାର ଉପସ୍ଥିତ ଥିଲେ । ଏହି ପୃଷ୍ଠାରେ ଛଉର ଭିଡିଓ, ଫଟୋ ଓ ସାଂସ୍କୃତିକ ସୂଚନା ବିଶ୍ୱବ୍ୟାପୀ ପ୍ରଚାର କରାଯାଇପାରିବ ବୋଲି ସାଧାରଣ ସମ୍ପାଦକ ସୁଧୀର କୁମାର ନାୟକ ଜଣାଇଛନ୍ତି । ୧୯୭୦ ଦଶକରେ ପୁରୁଷ ପ୍ରଧାନ ପାରମ୍ପରିକ ଛଉନୃତ୍ୟରେ ସୁମିତ୍ରା ଦେବୀ ପ୍ରଥମ ଛଉ ନୃତ୍ୟାଙ୍ଗନା ଭାବେ ଯୋଗଦେଇ ଇତିହାସ ରଚିଥିଲେ । ତତସହିତ ନିଜ ଶରୀରରେ ଛଉର ତାଣ୍ଡବ ଓ ଲାସ୍ୟ ପ୍ରକାଶ କରି ସେ ଲିଙ୍ଗ ସୀମା ଭାଙ୍ଗିବା ସହ ମହିଳା ସଶକ୍ତିକରଣର ପ୍ରଥମ ଉଦାହରଣ ପାଲଟିଥିଲେ ।

## ଡାଫୋଡିଲ୍‌ସ ପ୍ଲେ ସ୍କୁଲର ବାର୍ଷିକ ଉତ୍ସବ



**ଉଦଳା, ୯।୩(ସମିସ):** ଉଦଳା ଡାଫୋଡିଲସ ପ୍ଲେ ସ୍କୁଲର ଦ୍ୱିତୀୟ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଡାଫୋଡିଲସର ମୁଖ୍ୟ ପରିଚାଳିକା ମମତା ବେହେରାଙ୍କ ସଭାପତିତ୍ୱରେ ଏହି ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଥିଲା । ମୁଖ୍ୟଅତିଥି ଭାବେ ଉଦଳା ଏନଏସି ଅଧ୍ୟକ୍ଷା ପ୍ରମିଳା ପଣ୍ଡା, ମୁଖ୍ୟବକ୍ତା ଭାବେ ବାଲେଶ୍ୱର ସୁଲଗ୍ନା ଶିକ୍ଷାନୁଷ୍ଠାନ ଅଧ୍ୟକ୍ଷା ବିକେ ମଧୁସ୍ମିତା, ସମ୍ମାନିତ ଅତିଥି ଭାବେ ଡେପୁଟି କଲେକ୍ଟର ପ୍ରତୀକ ପଣ୍ଡା ଓ ପ୍ଲେ ସ୍କୁଲର ମୁଖ୍ୟ ପରାମର୍ଶଦାତା ରମେଶ ପୃଷ୍ଟି ଯୋଗଦେଇ ଶିକ୍ଷା ସମାଜର ମୂଳ ଉତ୍ସ । ବିଶେଷକରି ଛାତ୍ରଛାତ୍ରୀଙ୍କ ଶାରୀରିକ, ମାନସିକ ଓ ବୌଦ୍ଧିକ କ୍ଷେତ୍ରରେ ବିକାଶ ହୋଇପାରିବ ବୋଲି କହିଥିଲେ । ପରେ ବିଭିନ୍ନ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ । ଡାଫୋଡିଲସ ପ୍ଲେ ସ୍କୁଲ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ପ୍ରିନ୍ସିପାଲ ମମତା ବେହେରା, ବିଦ୍ୟାଳୟର ଶିକ୍ଷୟିତ୍ରୀ ବାସମତୀ ମଣ୍ଡଳ, ସାହିନ ପରବିନ, ଗୀତା ବଡଜେନା, ଶିବାନୀ ପ୍ରିୟଦର୍ଶିନୀ ନାୟକ, ଦୀପ୍ତିଲତା ମିଶ୍ର, ସାଗର ସ୍ୱର୍ଣ୍ଣକର, ମୌସୁମୀ ମହାନ୍ତି, ବିଦ୍ୟାଳୟ କର୍ମଚାରୀ ସୁଲେଖା ସାହୁ, ରଶ୍ମି ଖଣ୍ଡେଇ, କବିତା ମହାକୁଡ, ବିଜୟ କୁମାର ଦାସ ସହଯୋଗ କରିଥିଲେ ।

### ଆଦିବାସୀ ସମ୍ପ୍ରଦାୟର ନିଆରା ବାହା ପର୍ବ

# ପ୍ରକୃତିର ସୁରକ୍ଷା ପାଇଁ ପରିବେଶକୁ କରାଯାଏ ପୂଜା

ରାଇରଙ୍ଗପୁର, ୯।୩(ସମିସ)



ଆଦିବାସୀ ବହୁଳ ମୟୂରଭଞ୍ଜ ଜିଲ୍ଲାରେ ଆଦିବାସୀ ସମ୍ପ୍ରଦାୟର ଅନେକ ପର୍ବପର୍ବାଣୀ ରହିଛି । ସେଥିମଧ୍ୟରୁ ବାହା ପର୍ବ ସାନ୍ତାଳ ସମ୍ପ୍ରଦାୟର ନିଆରା ପର୍ବ । ଯେଉଁଥିରେ କି ପରିବେଶ ସୁରକ୍ଷା ପାଇଁ ପୂଜା ହୋଇଥାଏ । ବାହା ପର୍ବ ନେଇ ଫଗୁଣରେ ମହକ ସାଙ୍ଗକୁ ଶାଳଫୁଲ ଗଜରା ଓ ମାଦଳର ତାଳେ ତାଳେ ଆଦିବାସୀଙ୍କ ଗ୍ରାମ ଝୁମୁଛି । ପ୍ରକୃତି ଓ ମଣିଷର ନିବିଡ ସମ୍ପର୍କକୁ ନେଇ ପର୍ବ ପାଳିତ ହେଉଛି । ପ୍ରକୃତି ଯେତେବେଳେ ନୂଆ ରୂପ ନିଏ ସେତେବେଳେ ସାନ୍ତାଳୀ ଆଦିବାସୀ ସମ୍ପ୍ରଦାୟର ଲୋକେ ଉକ୍ତ ପର୍ବ ପାଳନ କରନ୍ତି । ନିଜ ପରମ୍ପରାକୁ ବଜାୟ ରଖି ଧୂମଧାମରେ ପାଳନ କରୁଛନ୍ତି । ବାହା ପର୍ବରେ ପ୍ରକୃତିର ନୂଆ ରୂପକୁ ସ୍ୱାଗତ କରାଯାଇଥାଏ ।

ଉକ୍ତ ପର୍ବର ଅର୍ଥ ହେଲା ପୁଷ୍ପର ପୂଜାର୍ଚ୍ଚନା । ଫଗୁଣ ମାସର ଶୁକ୍ଳପକ୍ଷ ପଞ୍ଚମୀ ତିଥିରୁ ଉକ୍ତ ପର୍ବ ଆରମ୍ଭ ହୋଇଥିଲା । ଉକ୍ତ ପର୍ବ ପାଇଁ ବାମନଘାଟି ଉପଖଣ୍ଡର ବିଭିନ୍ନ ଆଦିବାସୀ ଗ୍ରାମ ଉତ୍ସବମୁଖର ହୋଇଛି । ଆଦିବାସୀଙ୍କ ଅସ୍ତିତ୍ୱ ଓ ପରିବେଶ ପ୍ରତି ଥିବା ଭଲ ପାଇବାର ପ୍ରମାଣ ଉକ୍ତ ପର୍ବ ଦେଇଥାଏ । ଉକ୍ତ ପୂଜାକୁ ସାଲାଇପୂଜା ବା ଶାରହୁଲ ପୂଜା ଭାବେ ମଧ୍ୟ ପରିଚିତ ଅଟେ । ପ୍ରକୃତି ପୂଜକ ଆଦିବାସୀମାନେ ଜଙ୍ଗଲ ସଜ ଶାଳ ଓ ମହୁଲ ଫୁଲକୁ ଜାହିରା ପୀଠରେ ଅର୍ପଣ କରିଥା'ନ୍ତି । ନୂଆ ଫୁଲକୁ ଜାହିରା ଠାକୁରାଣୀ (ଜାହେର ଆୟୋ)ଙ୍କୁ ଅର୍ପଣ ନ କରି କେହି ବ୍ୟବହାର କରନ୍ତି ନାହିଁ । ଏଥିସହିତ ବାହା ପର୍ବ ପୂର୍ବରୁ ଜଙ୍ଗଲକୁ ମଧ୍ୟ ପ୍ରବେଶ କରନ୍ତି ନାହିଁ । ପୂଜା ପୂର୍ବରୁ ଜଙ୍ଗଲ ନୂଆ ଫୁଲ ଓ ଫଳକୁ ବ୍ୟବହାର କଲେ ଅଶୁଭ ବୋଲି ଲୋକ ବିଶ୍ୱାସ ରହିଛି । ପରମ୍ପରା ଅନୁସାରେ ଗ୍ରାମର ମୁଖ୍ୟ ପୂଜକ (ନାୟକେ ବାବା)ଙ୍କୁ ପାରମ୍ପରିକ ନୃତ୍ୟ ଗୀତର ତାଳେ ତାଳେ ଗ୍ରାମର ମହିଳା ଓ ପୁରୁଷମାନେ ନାଚି ଜାହିରା ପୀଠକୁ ପାଛୋଟି ନେଇଥା'ନ୍ତି । ସେଠାରେ ଜାହିରା ଠାକୁରାଣୀ (ଜାହେର ଆୟୋ)ଙ୍କୁ ଜଙ୍ଗଲରୁ ଅଣାଯାଇଥିବା ଶୁଦ୍ଧ ଶାଳ ଫୁଲ ଓ ମହୁଲ ଫୁଲକୁ ଅର୍ପଣ କରାଯାଇଥିଲା । ଏହାପରେ ନାୟକେ ବାବାଙ୍କ ନିକଟରୁ ମହିଳାମାନେ ଶାଳ ଫୁଲ ଗ୍ରହଣ କରି ନିଜ ଖୋସାରେ ସଜାଇବା ସହ ପୁରୁଷମାନେ ନିଜ କାନରେ ଲଗାଇ ଉତ୍ସବ ଆନନ୍ଦ ନେଇଥା'ନ୍ତି । ପୂଜା ସରିବା ପରେ ପୁଣି ନାଚ ଗୀତର ଆସର ଆରମ୍ଭ ହୋଇଥାଏ । ସାନ୍ତାଳୀ ପାରମ୍ପରିକ ପୋଷାକରେ ସଜ୍ଜିତ ହୋଇ ବାଦ୍ୟର ତାଳେ ତାଳେ ନାୟକେ ବାବାଙ୍କୁ ପୁଣି ଘରକୁ ପାଛୋଟି ନେଇଥିଲେ । ଆଧୁନିକ ଜୀବନଶୈଳୀ ଭିତରେ ବି ସାନ୍ତାଳୀ ଆଦିବାସୀ ଲୋକେ ନିଜ ପରମ୍ପରାକୁ ଭୁଲି ନାହାନ୍ତି । ପ୍ରକୃତିର ସୁରକ୍ଷା ହିଁ ମାନବ ସମାଜର ସୁରକ୍ଷା ଏହି ବାର୍ତ୍ତା ବାହା ପର୍ବ ମାଧ୍ୟମରେ ସ୍ପଷ୍ଟ ବାରି ହୋଇ ପଡୁଥାଏ । ଗ୍ରାମର ସୁଖ ସମୃଦ୍ଧି ସହ ସମସ୍ତଙ୍କ ମଙ୍ଗଳ କାମନା କରି ପୂଜା କରି ପର୍ବ ଶେଷ ହୋଇଥାଏ । ଉକ୍ତ ନିଆରା ପର୍ବ ସଦା ବଞ୍ଚିତ ରହିବ ।

### ମିଳିତ ଜନଅଭିଯୋଗ ଶୁଣାଣି ଶିବିର

# ୧୧୧ଟି ଅଭିଯୋଗର ଶୁଣାଣି କଲେ ପ୍ରଶାସନ



ରାଇରଙ୍ଗପୁର, ୯।୩(ସମିସ): ବାମନଘାଟୀ ଉପଖଣ୍ଡସ୍ତରୀୟ ମିଳିତ ଜନଅଭିଯୋଗ ଶୁଣାଣି ଶିବିର ରାଇରଙ୍ଗପୁରସ୍ଥ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ହେମକାନ୍ତ ସୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ ଶିବିରରେ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ବରୁଣ ଗୁଣ୍ଟୁପାଲ୍ଲି, ଅତିରିକ୍ତ ଜିଲ୍ଲାପାଳ ସୁଚାରୁ କୁମାର ବଳ, ବାମନଘାଟି ଉପଜିଲ୍ଲାପାଳ ସୌମ୍ୟରଞ୍ଜନ ପ୍ରଧାନ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଯଦୁନାଥ ଜେନା, ଉପଖଣ୍ଡ ଚିକିତ୍ସାଧିକାରୀ ଡା. ରବୀନ୍ଦ୍ର କୁମାର ମାର୍ଣ୍ଡି ପ୍ରମୁଖ ଯୋଗ ଦେଇଥିଲେ। ପ୍ରାରମ୍ଭରେ ଜିଲ୍ଲାପାଳ ଉପସ୍ଥିତ ସମସ୍ତ ଅଧିକାରୀଙ୍କୁ ସ୍ୱାଗତ କରିବା ସହ ଜନସାଧାରଣଙ୍କଠାରୁ ଆସୁଥିବା ଆପତ୍ତି ଅଭିଯୋଗର ସମାଧାନ ତ୍ୱରିତ ପ୍ରକ୍ରିୟାରେ ସମ୍ପନ୍ନ କରିବାକୁ ପରାମର୍ଶ ଦେଇଥିଲେ।

ଉକ୍ତ ଶିବିରରେ ୧୧୧ଟି ଅଭିଯୋଗ ପଞ୍ଜିକୃତ ହୋଇଥିବାବେଳେ ଏଥିରେ ୮୭ଟି ବ୍ୟକ୍ତିଗତ ଓ ୨୪ଟି ସାମୂହିକ ଅଭିଯୋଗ ଥିଲା। ଏଥିରୁ ୪ଟି ଅଭିଯୋଗର ତତ୍କାଳ ସମାଧାନ ହୋଇଥିଲା। ଆବେଦନ ଗୁରୁତ୍ୱକୁ ବିଚାର କରି ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୨ ଜଣଙ୍କୁ ୨୦, ୦୦୦ ଟଙ୍କା ଓ ରେଡକ୍ରସ ପାଣ୍ଠିରୁ ୨ ଜଣଙ୍କୁ ୧୨, ୦୦୦ ଟଙ୍କା ଜିଲ୍ଲାପାଳ ମଞ୍ଜୁର କରିଛନ୍ତି। ଅଭିଯୋଗର ବିଷୟ ପ୍ରସଙ୍ଗ ଉପରେ ସବିଶେଷ ତଦନ୍ତ କରି ଅନୁଧ୍ୟାନ ପୂର୍ବକ ବିହିତ କାର୍ଯ୍ୟାନୁଷ୍ଠାନ ନେବା ସହ ତ୍ୱରିତ ପ୍ରକ୍ରିୟାରେ ସମାଧାନ କରିବା ପାଇଁ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଉକ୍ତ ଶିବିରରେ ବାମନଘାଟି ଉପଖଣ୍ଡ ଅଧିନସ୍ଥ ସମସ୍ତ ଉପଖଣ୍ଡ ସ୍ତରୀୟ ବିଭାଗୀୟ ଅଧିକାରୀ, ରାଇରଙ୍ଗପୁର ପୌରପାଳିକାର କାର୍ଯ୍ୟନିର୍ବାହୀ ଅଧିକାରୀ, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତହସିଲଦାର, ଗୋଷ୍ଠୀ ଶିକ୍ଷାଧିକାରୀ, ବିଭିନ୍ନ ଲାଇନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ।

# ବାରିପଦା ସେବା ଅନୁଷ୍ଠାନର 'ନିସ୍ୱାର୍ଥ' ସେବା



ବାରିପଦା, ୯।୩(ସମିସ): ସ୍ଥାନୀୟ ସହରରେ ନୂତନ ଭାବେ ଗଠନ କରାଯାଇଥିବା ବାରିପଦା ସେବା ଅନୁଷ୍ଠାନ 'ନିସ୍ୱାର୍ଥ' ଆନୁକୂଲ୍ୟରେ ତକତପୁର ଶ୍ରୀଅଭିରାମ ଦେବ ବିଦ୍ୟାଳୟର ୫୦ରୁ ଊର୍ଦ୍ଧ୍ୱ କୁନି-କୁନି ଅନାଥ ପିଲାଙ୍କୁ ନୂତନ ବସ୍ତ୍ର ବଣ୍ଟନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବାରିପଦା ଡିଗ୍ରୀ କଲେଜର ଅବସରପ୍ରାପ୍ତ ଅଧ୍ୟକ୍ଷ ପ୍ରଦୀପ୍ତ କିଶୋର ପଣ୍ଡା ଓ ଏମପିକେ ବାଳିକା ଉଚ୍ଚବିଦ୍ୟାଳୟର ପ୍ରାକ୍ତନ ପ୍ରଧାନ ଶିକ୍ଷୟିତ୍ରୀ ଶୋଭନା ଆଚାର୍ଯ୍ୟ, ସମ୍ମାନିତ ଅତିଥି ଭାବେ ଏମପିସି ସ୍ୱୟଂଶାସିତ ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷା ଡଃ ଝରଣା ବେହେରା, ସଦସ୍ୟ ସନ୍ଦିପ ଚାନ୍ଦ, ମେଜର ପ୍ରଣବ କିଶୋର ମହାପାତ୍ର, ତିମିର ଘୋଷ, ଅନନ୍ତ କ୍ରିଷ୍ଣ ବେହେରା, ଶ୍ୟାମଚରଣ ଜିମ୍ବାବୁ, ହରିଶ ଚନ୍ଦ୍ର ଦ୍ୱାରି, ଭାନୁ ପ୍ରସାଦ ଆଚାର୍ଯ୍ୟ, ସୁଧାଂଶୁ ଶେଖର ଜେନା, ଏସ ଭଞ୍ଜ, ଆଶିଷ ବସା ଏବଂ ବିଦ୍ୟାଳୟର ସମସ୍ତ ଶିକ୍ଷକ-ଶିକ୍ଷୟତ୍ରୀ, କର୍ମଚାରୀ ଓ ଛାତ୍ରଛାତ୍ରୀମାନେ ଏଥିରେ ଉପସ୍ଥିତ ଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ଦେବାଶିଷ କୁମାର ଦାସ ପରିଚାଳନା କରିଥିଲେ। ବିଦ୍ୟାଳୟର ଭାରପ୍ରାପ୍ତ ଅଧିକାରୀ ସାଇ ପ୍ରକାଶ ମହାନ୍ତି ଧନ୍ୟବାଦ ଅର୍ପଣ ଜ୍ଞାପନ କରିଥିଲେ।

# ମେଡିକାଲ କର୍ମଚାରୀ ସଂଘ ପକ୍ଷରୁ ସମ୍ବର୍ଦ୍ଧନା

ବାରିପଦା, ୯।୩(ସମିସ): ଓଡ଼ିଶା ମେଡିକାଲ କର୍ମଚାରୀ ସଂଘ ମୟୂରଭଞ୍ଜ ଶାଖା ପକ୍ଷରୁ ସରକାରୀ ଓକିଲ ଭାବେ ନିଯୁକ୍ତି ହୋଇଥିବା ସୁନୀଲ କୁମାର ନାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଓଡ଼ିଶା ମେଡିକାଲ କର୍ମଚାରୀ ସଂଘ ମୟୂରଭଞ୍ଜ ଜିଲ୍ଲା ଶାଖା ତରଫରୁ ସମ୍ପାଦକ ସୁଶୀଲ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ସଂଘ ସଭାଗୃହରେ ଅନୁଷ୍ଠିତ ସଭାରେ ସଂଘର ଉପଦେଷ୍ଟା ସୁନୀଲ କୁମାର ନାୟକଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧନା କରାଯାଇଥିଲା। ସେ ମୟୂରଭଞ୍ଜର ସରକାରୀ ଓକିଲ ଭାବେ ନିୟୋଜିତ ହୋଇଥିବାବେଳେ ସେ ବିଭିନ୍ନ ସମାଜ ସେବା କାର୍ଯ୍ୟରେ ଲିପ୍ତ ରହିଛନ୍ତି। ତାଙ୍କର ଏହି ମହାନ



ବ୍ୟକ୍ତିତ୍ୱକୁ ସଂଘ ପକ୍ଷରୁ ଅଶେଷ ଅଭିନନ୍ଦନ ଜ୍ଞାପନ କରିବା ସହିତ ସେ ଆଗକୁ ଆହୁରି ଜନହିତକର କାର୍ଯ୍ୟରେ ଲିପ୍ତ ରୁହନ୍ତୁ ବୋଲି ସଂଘ ପକ୍ଷରୁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରିଥିଲେ। ଏଥିରେ କୋଷାଧ୍ୟକ୍ଷ ସୁବୋଧ କୁମାର ଜେନା, ପ୍ରଭାସ ଦେ, ଅଜନ୍ତା ଛାଟିଆ, ସୁଦର୍ଶନ ମିଶ୍ର, ସୋମବାରୀ ମୁର୍ମୁ, ଅର୍ଚ୍ଚନା ନାୟକ, ପ୍ରଜ୍ଞା ସାମନ୍ତରାୟ, ସସ୍ମିତା ମହାନ୍ତ, ରାମେଶ୍ୱାମୀ ଭେଙ୍କେଟସୁରିଆ ମହାପାତ୍ର, ଚିତରଞ୍ଜନ ବେହେରା, ସାରମଣି ମାର୍ଣ୍ଡି, ଅଙ୍କାର ସାହୁ, ଦାନିଗି ମାର୍ଣ୍ଡି, ପଦ୍ମିନୀ ନାଏକ, ଚାରୁ ହାଁସଦାଃ, ଅକତର ଖାଁନ, ରିନା ପାଣି, ଦେବକୀ ଦାସ, ଅମିତ କୁମାର ପ୍ରମୁଖ ଉପସ୍ଥିତ ଥିଲେ।

## ଗାଡ଼ି ଧକ୍କାରେ ଯୁବକଙ୍କ ମୃତ୍ୟୁ

କୁଆମରା, ୯।୩(ସମିସ): ଏକ ଅଜଣା ଗାଡ଼ି ଧକ୍କାରେ ଜଣେ ଯୁବକଙ୍କର ମୃତ୍ୟୁ ଘଟିଛି। ମୃତକ ହେଉଛନ୍ତି ଖୁଣ୍ଟା ଥାନା ଅଧୀନ ସାତପେଟିଆ ଗ୍ରାମର ଲକ୍ଷ୍ମଣ ସିଂ (୨୫)। ଲକ୍ଷ୍ମଣ ଗତକାଲି ଭେଲୁଡିହି ଗ୍ରାମକୁ ମେଳା ବୁଲିବାକୁ ଯାଇଥିବା ବେଳେ କୌଣସି ଗାଡ଼ି ତାଙ୍କୁ ଧକ୍କା ଦେଇଥିଲା। ଫଳରେ ସେଠାରେ ସେ କିଛି ବାଟ ଛିଟିକି ରାସ୍ତା ତଳକୁ ପଡ଼ିଥିଲେ। କିଛିସମୟପରେସ୍ଥାନୀୟଲୋକେତାଙ୍କୁଦେଖି ବାରିପଦା ଡାକ୍ତରଖାନା ନେଇଥିଲେ। ମାତ୍ର ସେଠାରେ ଡା ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ଏକ ମାମଲା ରୁଜୁ କରି ପୁଲିସ ତଦନ୍ତ ଚଳାଇଛି। ତେବେ ଧକ୍କା ଦେବା ପରେ ଗାଡ଼ି ଫେରାର ହୋଇଯାଇଥିବା ପୁଲିସ କହିଛି।

## ଥାନା ଅଧିକାରୀ ମୃତ୍ୟୁଞ୍ଜୟ ପ୍ରଧାନଙ୍କ ଦାୟିତ୍ୱ ଗ୍ରହଣ

କରଞ୍ଜିଆ, ୯।୩(ସମିସ): କରଞ୍ଜିଆ ଥାନାର ନୂତନ ଅଧିକାରୀ ଭାବେ ମୃତ୍ୟୁଞ୍ଜୟ ପ୍ରଧାନ ଯୋଗ ଦେଇଛନ୍ତି। ସେ ଆଜି ଦାୟିତ୍ୱ ଗ୍ରହଣ କରିଛନ୍ତି। ପୂର୍ବରୁ ସେ ମୟୂରଭଞ୍ଜ ସଦର ଥାନାରେ କାର୍ଯ୍ୟରତ ଥିଲେ। ଥାନାରେ ଯୋଗଦେବା ପରେ କରଞ୍ଜିଆ ଅଞ୍ଚଳରେ କାନୁନ ଶୃଙ୍ଖଳା ମଜବୁତ କରିବା ସହ ଲୋକଙ୍କ ସମସ୍ୟାକୁ ପ୍ରାଥମିକତା ଦିଆଯିବ ବୋଲି ସେ କହିଛନ୍ତି। ସ୍ଥାନୀୟ ଲୋକେ ମଧ୍ୟ ନୂତନ ତାଙ୍କୁ ସ୍ୱାଗତ କରିଛନ୍ତି।

## ଶାନ୍ତି ଆନନ୍ଦ ଆଶ୍ରମରେ ସନାତନ ଧର୍ମ ସମ୍ମିଳନୀ



କପ୍ତିପଦା, ୯।୩(ସମିସ): ବାଘମରା ଶାନ୍ତି ଆନନ୍ଦ ଆଶ୍ରମ ପକ୍ଷରୁ ଶ୍ରୀଶ୍ରୀ ଅଭିରାମ ପରମହଂସ ଦେବଙ୍କ ବିଶ୍ୱଶାନ୍ତି ନାମଯଜ୍ଞ, ଭଜନ ସମାରୋହ ଓ ୪୧ତମ ସନାତନ ଧର୍ମ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ୫ ତାରିଖରେ ଅଧିବାସ ହେଇଥିବାବେଳେ ୬ ତାରିଖ ପ୍ରାତଃ ୬ ଘଣ୍ଟାଠାରୁ ଅଷ୍ଟପ୍ରହର ନାମଯଜ୍ଞ ବାବାଜୀ ଶ୍ରୀଜନ୍ମେଜୟ ଦାସ ଓ ଜୀବନାନନ୍ଦ ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହେଇଥିଲା। ୭ ତାରିଖରେ ମଣ୍ଡପ ଉଦଘାଟନ, ଠାକୁରଙ୍କ ଗୋଷ୍ଠୀ ପୂଜା, ଦିବା ୧୨ ଘଣ୍ଟାଠାରୁ ୨ଘଣ୍ଟା ପର୍ଯ୍ୟନ୍ତ ଆଶୀର୍ବଚନ ଓ ହରିକଥା ବାବାଜୀ ଶ୍ରୀ ଅନ୍ତର୍ଯ୍ୟାମୀ ଦାସମହାରାଜାଙ୍କ ଦ୍ୱାରା ପ୍ରଣୀତ ହୋଇଥିଲା। ସନ୍ଧ୍ୟା ୬ଟାରେ ସନ୍ଧ୍ୟା ଆରତୀ ଓ ଭଜନ ସନ୍ଧ୍ୟା ପରିବେସିତ ହୋଇଥିଲା। ସନ୍ଧ୍ୟା ୮ଟାରୁ ୧୧ଟା ପର୍ଯ୍ୟନ୍ତ ଧର୍ମ ସଭା ଅନୁଷ୍ଠିତ ହୋଇଥିଲା। ବାବାଜୀ ହରେକୃଷ୍ଣ ଦାସମହାରାଜ, ସଦାନନ୍ଦ ଦାସମହାରାଜ, ବାବାଜୀ ବୁଦ୍ଧଦେବ ଦାସ ମହାରାଜ ଓ ବାବାଜୀ ସତ୍ୟପ୍ରଜ୍ଞାନନ୍ଦ ମହାରାଜ ଅଂଶଗ୍ରହଣ କରିଥିଲେ। ସେହିପରି ୮ ତିରିଖରେ ଭକ୍ତଙ୍କ ଦ୍ୱାରା ଭଜନ, ହରିକଥା ଓ ଧର୍ମସଭା ଅନୁଷ୍ଠିତ ହୋଇଥିଲା। ପରିଚାଳନା କମିଟି ସଭାପତି ନବକିଶୋର ରଣା, ଉପଦେଷ୍ଟା ଜଗନ୍ନାଥ ବିଶ୍ୱାଳ, ସମ୍ପାଦକ ପ୍ରତାପ ଚନ୍ଦ୍ର ପାତ୍ର, ସୋମନାଥ ବିଶ୍ୱାଳ, ଅନ୍ତର୍ଯ୍ୟାମୀ ରଣା, ପରିତୋଷ ମହାକୁଡ, ପ୍ରଶାନ୍ତ ବିଶ୍ୱାଳ ଓ ଅନନ୍ତ ନାରାୟଣ ନାୟକ ପ୍ରମୁଖ ସହଯୋଗ କରିଥିଲେ।

## ଶୁଆ ଶାବକ ଉଦ୍ଧାର ଘଟଣାରେ ଅଭିଯୁକ୍ତ କୋର୍ଟ ଚାଲାଣ

ରାଇରଙ୍ଗପୁର, ୯।୩ (ସମିସ): ରାଇରଙ୍ଗପୁର ବନ ବିଭାଗ ଦ୍ୱାରା ଶତାଧିକ ଶାବକ ଶୁଆ ଉଦ୍ଧାର କରାଯାଇଛି। ଉକ୍ତ ଘଟଣାରେ ଗିରଫ ଅଭିଯୁକ୍ତ ଗୋରୁମହିଷାଣୀ ଥାନା ଅନ୍ତର୍ଗତ ଗୋରୁମହିଷାଣୀର ସେକ ଜାକିର ହୁସେନଙ୍କୁ କୋର୍ଟ ଚାଲାଣ କରାଯାଇଛି। ବିକ୍ରି କରିବା ଉଦ୍ଦେଶ୍ୟରେ ଶତାଧିକ ଶାବକ ଶୁଆ ସେକ ଜାକିର ହୁସେନ ନିଜ ଘରେ ରଖିଥିଲେ। ବିଶ୍ୱସ୍ତ ସୂତ୍ରରୁ



ଖବର ପାଇ ଶନିବାର ସନ୍ଧ୍ୟାରେ ରାଇରଙ୍ଗପୁର ବନବିଭାଗ ପକ୍ଷରୁ ଗୋରୁମହିଷାଣୀରେ ଚଢ଼ଉ କରାଯାଇଥିଲା। ଚଢ଼ଉ କରାଯାଇ ଶତାଧିକ ଶୁଆ ଶାବକ ଉଦ୍ଧାର କରି ସେକ ଜାକିର ହୁସେନଙ୍କୁ ନିଜ ହେପାଜତକୁ ନିଆଯାଇଥିଲା। ଏ ନେଇ ବନ ବିଭାଗ ପକ୍ଷରୁ ମାମଲା ରୁଜୁ କରାଯାଇ କୋର୍ଟ ଚାଲାଣ କରାଯାଇଛି। ଜାମିନ ନାମଞ୍ଜୁର ହେବା ପରେ ବିଚାର ବିଭାଗୀୟ ହାଜତ ପଠାଯାଇଛି।

# ବିଭିନ୍ନ ସ୍ଥାନରେ ଆନ୍ତର୍ଜାତିକ ମହିଳା ଦିବସ

ବାରିପଦା, ୯।୩(ସମିସ): ରିଲାଏନ୍ସ ଫାଉଣ୍ଡେସନଙ୍କ ସହଯୋଗରେ ସୁଭା ପକ୍ଷରୁ ଶାମାଖୁଣ୍ଟାରେ ଆନ୍ତର୍ଜାତିକ ମହିଳା ଦିବସ ପାଳିତ ହୋଇଯାଇଛି। ଏହି



କାର୍ଯ୍ୟକ୍ରମରେ ୪୦୬ ଜଣ ଯୋଗ ଦେଇଥିବାବେଳେ ୧୯ଟି ଗ୍ରାମର ୮୭ଟି ସ୍ୱୟଂସହାୟକ ଗୋଷ୍ଠୀ, ୭ଟି ପଞ୍ଚାୟତ ଅଧୀନରୁ ଆସି ସକ୍ରିୟ ଭାବେ ଭାଗ ନେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ରଞ୍ଜନ ମିଶ୍ର (ସଚିବ, ସୁଭା), ମମତା ବିଷ୍ଟ, ରିଲାଏନ୍ସ ଫାଉଣ୍ଡେସନର ଜିଲ୍ଲା କାର୍ଯ୍ୟକ୍ରମ ପ୍ରବନ୍ଧକ, ସ୍ମାରକ ମହାନ୍ତି, ଡିଡିଏମ, ନାବାର୍ଡ, ମୟୂରଭଞ୍ଜ ଅତିଥି ଭାବେ ଯୋଗଦେଇଥିଲେ। ଡା. ଝୁନିଲତା ଭୁୟାନ, ବୈଜ୍ଞାନିକ, କୃଷିବିଜ୍ଞାନ କେନ୍ଦ୍ର ଶାମାଖୁଣ୍ଟା ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଏଥିସହ ସୁଗନ୍ଧା ସୋରେନ, ସରପଞ୍ଚ ଶିରିଶବାଣୀ ପଞ୍ଚାୟତ, ଶକୁନ୍ତଳା ବିଶ୍ୱାଳ, ସରପଞ୍ଚ ବାଲିଡିହା ପଞ୍ଚାୟତ, ପଦ୍ମାବତୀ ହାଁସଦା, ସରପଞ୍ଚ ଭାଲୁକି ପଞ୍ଚାୟତଙ୍କ ସହିତ ଆରତି ବାଗ, ଜିପିଏଲଏଫ ଅଧ୍ୟକ୍ଷା କଳାପଥରା ପଞ୍ଚାୟତ ଓ ବୀଣାପାଣି ସିଂ, ଅଧ୍ୟକ୍ଷା ରଙ୍ଗମଟିଆ ପଞ୍ଚାୟତ ଉପସ୍ଥିତ ଥିଲେ। ମହିଳା ନେତୃତ୍ୱ ଓ ସମୁଦାୟ ଉନ୍ନତିକୁ ସୁଦୃଢ଼ କରିବା ଉଦ୍ୟମକୁ ସ୍ୱାଗତ କରିଥିଲେ। ଏହି ଦୁଇଦିନିଆ କାର୍ଯ୍ୟକ୍ରମକୁ ପ୍ରକଳ୍ପ କାର୍ଯ୍ୟକ୍ରମ ସଂଯୋଜକ ନରେଶ ନାୟକ ସଂଯୋଜନା କରିଥିଲେ। ଉତ୍ସବର ଅଂଶ ଭାବେ ୭ଟି ବ୍ୟକ୍ତିଗତ ଓ ୨ଟି ଦଳୀୟ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ଯାହା ଗ୍ରାମୀଣ ମହିଳାଙ୍କ ପ୍ରତିଭା ଓ ନେତୃତ୍ୱକୁ ପ୍ରଦର୍ଶନ କରିବାରେ ସହାୟକ ହୋଇଥିଲା। ଉନ୍ନତି ଓ ମହିଳା ସଶକ୍ତିକରଣରେ ଅବଦାନ ପାଇଁ ୭ ଜଣ ଶ୍ରେଷ୍ଠ ମହିଳା ନେତୃତ୍ୱଙ୍କୁ ସମ୍ମାନିତ କରାଯାଇଥିଲା। ପ୍ରତିଯୋଗିତାରେ ବିଜୟୀଙ୍କୁ ପୁରସ୍କାର ଓ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା।

**କରଞ୍ଜିଆ:** କରଞ୍ଜିଆ ତାଲୁକ ଆଇନ ସେବା ସମିତି ପକ୍ଷରୁ ପାଞ୍ଚପିଢ଼ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ ଆନ୍ତର୍ଜାତିକ ମହିଳା ଦିବସ



ପାଳନ କରାଯାଇଛି। ତାଲୁକ ଆଇନ ସେବା ସମିତି ଅଧ୍ୟକ୍ଷ ତଥା ଜିଲ୍ଲା ଅତିରିକ୍ତ ଜିଲ୍ଲା ଓ ଦୌରା ଜଜ୍ ଆଶିଷ କୁମାର ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏସଡିଜେଏମ ପ୍ରଭାତ କୁମାର ସାମଲ, ପାଞ୍ଚପିଢ଼ ଉପଜିଲ୍ଲାପାଳ କସ୍ତୁରୀ ପଣ୍ଡା, କରଞ୍ଜିଆ ସ୍ୱୟଂଶାସିତ ମହାବିଦ୍ୟାଳୟର ଅଧ୍ୟକ୍ଷା ଗୀତାଞ୍ଜଳି ବିର୍ଡିଆ, ଗୋଷ୍ଠୀ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଦିବ୍ୟାଦର୍ଶିନୀ ପ୍ରୀତିରେଖା, ଆଇନଜୀବୀ ଦିବ୍ୟପ୍ରସାଦ ସାହୁ, ଓକିଲ ସଂଘ ସଭାପତି ମଦନମୋହନ ମହାନ୍ତ, ଯୁବ ଆଇନଜୀବୀ ତ୍ରିଶୂଳ ମହାନ୍ତ ଓ ଅଭିଜିତ ମହାନ୍ତ ପ୍ରମୁଖ ଉପସ୍ଥିତ ଥିଲେ। ବର୍ତ୍ତମାନ ସମୟରେ ମହିଳାଙ୍କ ପ୍ରତି ବଢୁଥିବା ନିର୍ଯାତନା ଓ ଅତ୍ୟାଚାର ଘଟଣାକୁ ନେଇ ଗଭୀର ଚିନ୍ତା ପ୍ରକାଶ କରାଯାଇଥିଲା। ମହିଳାମାନେ କିପରି ନିଜ ଅଧିକାର ବିଷୟରେ ସଚେତନ ହେବେ, ଅନ୍ୟାୟ ବିରୋଧରେ ସ୍ୱର ଉତ୍ତୋଳନ କରିବେ ଓ ଆଇନର ସହାୟତା ନେଇ ନିଜକୁ କିପରି ସୁରକ୍ଷିତ ରଖିପାରିବେ ସେ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଅତିଥିମାନେ ମହିଳାଙ୍କୁ ଆତ୍ମବିଶ୍ୱାସୀ ହେବା ସହ ଆଇନ ଜ୍ଞାନ ଅର୍ଜନ କରି ସମାଜରେ ନିଜ ଅଧିକାର ସ୍ଥାପନ କରିବାକୁ ଆହ୍ୱାନ ଜଣାଇଥିଲେ। ପାଞ୍ଚପିଢ଼ ଉପଜିଲ୍ଲାପାଳ କସ୍ତୁରୀ ପଣ୍ଡା କହିଥିଲେ, ମହିଳାମାନେ ପ୍ରଥମେ ନିଜକୁ ଭଲ ପାଇବା ଓ ସମ୍ମାନ କରିବା ଆବଶ୍ୟକ। ଆମେ ମହିଳା ରୂପେ ନିଜକୁ ଭଗବାନଙ୍କ ସୁନ୍ଦର ଉପହାର ଭାବେ ମନେକରି ନିଜ ଶକ୍ତି ଓ ସମ୍ଭାବନାକୁ ଚିହ୍ନଟ କରିବା ଦରକାର। ଉକ୍ତ କାର୍ଯ୍ୟକ୍ରମରେ ମହିଳା ସଶକ୍ତିକରଣ, ସମାନ ଅଧିକାର ଓ ସମାଜରେ ମହିଳାଙ୍କ ଭୂମିକାକୁ ନେଇ ବିଭିନ୍ନ ମତାମତ ଓ ଆଲୋଚନା ହୋଇଥିଲା।

**ବାରିପଦା:** କରପ୍ସନ ଫ୍ରି ଓଡ଼ିଶା ଓ ପ୍ରଜାପିତା ବ୍ରହ୍ମାକୁମାରୀ ସଂସ୍ଥାର ମିଳିତ ଆନୁକୂଲ୍ୟରେ ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ବାରିପଦା ଶାଖା ପରିସରରେ ଆନ୍ତର୍ଜାତିକ ମହିଳା ଦିବସ ପାଳନ କରାଯାଇଚି। କରପ୍ସନ ଫ୍ରି



ଓଡ଼ିଶାର ପ୍ରତିଷ୍ଠାତା ଡଃ ଦେବବ୍ରତ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ ଉତ୍ସବରେ ବିକେ ଉମା ଦିଦି ଆଶୀର୍ବଚନ ଦେଇଥିଲେ। ଏଥିରେ ବାରିପଦା ପୌରପାଳିକାର ଉପାଧ୍ୟକ୍ଷା ସୀମା ଦାସ ମୁଖ୍ୟଅତିଥି, ସମ୍ମାନିତ ଅତିଥି ଭାବେ ସମାଜସେବୀ ତଥା ବରିଷ୍ଠ ସାମ୍ବାଦିକ ଡଃ ବିଜୟ କୁମାର ଅଗ୍ରୱାଲା, ଲକ୍ଷ୍ମୀକାନ୍ତ ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷା ଡଃ ପୁଷ୍ପା ପାତ୍ର, ମହାରାଜା ପୂର୍ଣ୍ଣଚନ୍ଦ୍ର ସ୍ୱୟଂଶାସିତ କଲେଜର ଅବସରପ୍ରାପ୍ତ ଅଧ୍ୟକ୍ଷ ହରିହର ଦାସ, ବିକେ ବିନୋଦିନୀ, ବିକେ ସଙ୍ଗୀତା ଓ ମୁଖ୍ୟବକ୍ତା ଭାବେ ମହାରାଜା ପୂର୍ଣ୍ଣଚନ୍ଦ୍ର ସ୍ୱୟଂଶାସିତ କଲେଜର ଅବସରପ୍ରାପ୍ତ ଅଧ୍ୟକ୍ଷା ବନଜା ମହାନ୍ତି ଯୋଗଦେଇ ସମାଜର ପ୍ରଗତିରେ ନାରୀଙ୍କର ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। ଏ ଅବସରରେ ସମାଜରେ ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠା ଅର୍ଜନ କରିଥିବା ମହିୟସୀ ମହିଳା, ଜଗନ୍ନାଥ ମନ୍ଦିରର ସେବିକା ଗୌରୀ ଦେବୀ, ସ୍କୁଲ ଅଫ ଆର୍ଟ ଆଣ୍ଡ କ୍ରାଫ୍ଟ ନିର୍ଦ୍ଦେଶିକା ପ୍ରଣତି ପଟ୍ଟନାୟକ, ସୁଲେଖିକା ତଥା ଆକାଶବାଣୀର ଉଦଘୋଷିକା ରେଣୁବାଳା ରଥ, ଛଉ ଶିଳ୍ପୀ ରାଣୀ ଦାସ, ବେତନଟି ବନାଞ୍ଚଳର ବନରକ୍ଷୀ ନମିତା ସେଠୀ, କୁସୁମବନ୍ଧ ହାଇସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ପୁଷ୍ପିତାରାଣୀ ସୁରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ମଞ୍ଚ ପରିଚାଳନା କରିଥିଲେ ବି କେ ଗୀତା। ବି କେ ଭାରତୀ, ବି କେ ମାମୁନି, ବି କେ ଜୟନ୍ତୀ, ବି କେ ଶାନ୍ତି ପ୍ରମୁଖ ସହଯୋଗ କରିଥିଲେ।

**କୁଳିଅଣା:** ସରକାରୀ ଉଚ୍ଚପ୍ରାଥମିକ ବିଦ୍ୟାଳୟ ଚାନ୍ଦୁଆ କେଜିବିଭିରେ ଅଧ୍ୟୟନରତ ଛାତ୍ରଛାତ୍ରୀଙ୍କ ମାତୃଗଣଙ୍କୁ ନେଇ ଆନ୍ତର୍ଜାତିକ ମହିଳା ଦିବସ ପାଳିତ ହୋଇଯାଇଛି। ଏହି ଦିବସରେ ମାଆମାନଙ୍କୁ ନେଇ ମ୍ୟୁଜିକ ଚେୟାର,



ବେଲୁନ ଫଟା, ଛୁଞ୍ଚି ସୁତା ପାଣି ପୁରା ଖେଳ ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ଶ୍ରୀମତୀ ସରସ୍ୱତୀ ସିଂ ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ କୁଳିଅଣା, ମୁଖ୍ୟବକ୍ତା ଭାବେ ବିଜେପି ଜିଲ୍ଲା ସମ୍ପାଦିକା ଶ୍ରୀମତୀ ଦୁଲାରୀ ସିଂ, ସିଏମସିର ସଭ୍ୟ ସଭ୍ୟା ଯୋଗଦେଇ କୃତି ପ୍ରତିଯୋଗୀଙ୍କୁ ଉତ୍ସାହିତ କରିବା ସହିତ ପୁରସ୍କାର ପ୍ରଦାନ କରିଥିଲେ। ମୁଖ୍ୟଅତିଥି କହିଥିଲେ, ଉପଯୁକ୍ତ ଶିକ୍ଷା ପାଇଲେ ସବୁ କ୍ଷେତ୍ରରେ ସମ୍ମାନ ସହ ବଞ୍ଚି ପାରିବେ। ସେମାନେ ସାମାଜିକ ସ୍ତରରେ ପ୍ରଶଂସିତ ଓ ସମ୍ମାନ ପାଇବେ। ଆର୍ଥିକ ସ୍ତରରେ ସ୍ୱାବଲମ୍ବୀ ହେବେ। ରାଜନୈତିକ କ୍ଷେତ୍ରରେ ପରିଦର୍ଶିତା ପ୍ରତିପାଦନ କରିପାରିବେ। ସ୍ୱାସ୍ଥ୍ୟ କ୍ଷେତ୍ରରେ ସଚେତନ ସୃଷ୍ଟି ହୋଇପାରିବ। ଉକ୍ତ କାର୍ଯ୍ୟକ୍ରମ ପ୍ରଧାନଶିକ୍ଷୟିତ୍ରୀ ଶ୍ରୀମତୀ ଆରଷ୍ଟୁ ମଣି ବାସ୍କେ, ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା।

**ସାରସକଣା:** ସାରସକଣା ବ୍ଲକସ୍ଥ ଜାତୀୟ ଯୁବ ପ୍ରକଳ୍ପ ଜିଲ୍ଲା ମହିଳା ୟୁନିଟ ପକ୍ଷରୁ ଛାତ୍ରଛାତ୍ରୀଙ୍କୁ ନେଇ ମହିଳା ଦିବସ ପାଳିତ ହୋଇଯାଇଛି। ଏନୱାଇପି ମହିଳା ୟୁନିଟର ବରିଷ୍ଠ ସଦସ୍ୟ ଭାନୁପ୍ରିୟା ମହାନ୍ତଙ୍କ ତତ୍ତ୍ୱାବଧାନରେ ୟୁନିଟର ମହିଳାଙ୍କୁ ନେଇ ପ୍ରଥମେ ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପରେ ସଦସ୍ୟା କାଞ୍ଚନମାଳା ସାହୁଙ୍କ ଦ୍ୱାରା ଝାରପୋଖରିଆ ଗ୍ରାମସ୍ଥ ସରକାରୀ ପ୍ରାଥମିକ ବିଦ୍ୟାଳୟର ଛାତ୍ରାବାସରେ ରହୁଥିବା ଛାତ୍ରଙ୍କୁ ନେଇ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ରାଜ୍ୟ ପୁରସ୍କାରପ୍ରାପ୍ତ ସ୍ୱେଚ୍ଛାସେବୀ ରୂପାଲୀ ହାତୀ ଏକାଧିକ ଛାତ୍ରଙ୍କୁ



ନେଇ ପ୍ରଥମେ କମ୍ୟୁନିଟି ଗେମ ମାଧ୍ୟମରେ ଛାତ୍ରଙ୍କୁ ଖେଳାଇବା ପରେ ଜାତୀୟ ଏକତା ଗୀତ ମିଳିତ ଭାବେ ଗାଇଥିଲେ। ସେହିପରି ସଦସ୍ୟା ମିନାକ୍ଷୀ ମହାନ୍ତ, ଦେବଯାନୀ ମହାନ୍ତ, ମାନସୀ ବସା, ମନୀଷା ଦଣ୍ଡପାଟ, ସୁନିତା ପୃଷ୍ଟି, ସୁଜାତା ଦଣ୍ଡପାଟ ପ୍ରମୁଖ ସମସ୍ତ ଛାତ୍ରଙ୍କୁ ପାଠ୍ୟ ଉପକରଣ ଓ ଅନ୍ୟ ଉପହାର ଦେବାସହ ସେମାନଙ୍କୁ ଉତ୍ସାହିତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅଶ୍ୱନୀ ମହାନ୍ତ, ମାନସ ପୃଷ୍ଟି, ମଳୟ ନାୟକ ପ୍ରମୁଖ ସହଯୋଗ କରିଥିଲେ। ମହିଳାମାନେ ଏକତ୍ରିତ ହୋଇ ଏହି ଆନ୍ତର୍ଜାତିକ ମହିଳା ଦିବସ ପାଳିବା ସହ ଛାତ୍ରଙ୍କୁ ନେଇ ଏକ ସୁନ୍ଦର କାର୍ଯ୍ୟକ୍ରମ କରିଥିଲେ। ଏହିପରି କାର୍ଯ୍ୟକ୍ରମ ସ୍କୁଲ ଛାତ୍ରଙ୍କ ପାଇଁ ଆବଶ୍ୟକ ବୋଲି ସ୍କୁଲ ସହଯୋଗୀ କର୍ମଚାରୀ କହିଥିଲେ।

**ଶୁଳିଆପଦା:** ଶୁଳିଆପଦା ବ୍ଲକ ପରିସରରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ଶକ୍ତି ଶିଖା' ଆନୁକୂଲ୍ୟରେ ଶ୍ରୀଅନ୍ନ ଅଭିଯାନ ପକ୍ଷରୁ ଆନ୍ତର୍ଜାତିକ ମହିଳା ଦିବସ ପାଳିତ ହୋଇଯାଇଛି। ଏ ଉପଲକ୍ଷେ ଏକ ସଭା ସହିତ ପୁଷ୍ଟି ଶସ୍ୟର ଖାଦ୍ୟ ମେଳା ଅନୁଷ୍ଠିତ ହୋଇଯାଇଛି। ଶୁଳିଆପଦା ବ୍ଲକ ଅଧ୍ୟକ୍ଷା ପାନମଣୀ ମାର୍ଣ୍ଡି, ଜିଲ୍ଲା ପରିଷଦ ସଦସ୍ୟ ନଗେନ୍ଦ୍ର ନାଥ କିସ୍କୁ, ବ୍ଲକ ଉପାଧ୍ୟକ୍ଷ ଜ୍ୟୋତିଲାଲ ବାରିକ, ଶୁଳିଆପଦା ତହସିଲଦାର ନାରାନ ହେମ୍ବ୍ରମ, ଜିଲ୍ଲା କୃଷି ଅଧିକାରୀ ଜ୍ଞାନବଲ୍ଲଭ ଦାସ, ଶକ୍ତି ଶିଖାର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ତୁଷାରକାନ୍ତି ବେହେରା, ଶୁଳିଆପଦା ବ୍ଲକ କୃଷି ଅଧିକାରୀ ସୁରଜ କୁମାର ବେହେରା ପ୍ରମୁଖ ଯୋଗଦେଇ ମାଣ୍ଡିଆ ଚାଷ ମାଧ୍ୟମରେ ସ୍ୱୟଂସହାୟକ ଗୋଷ୍ଠୀ ମହିଳାମାନେ କିପରି ଆତ୍ମନିର୍ଭରଶୀଳ ହେବା ସହିତ ବିଭିନ୍ନ ପୁଷ୍ଟିକର ଖାଦ୍ୟ ପ୍ରସ୍ତୁତ କରିପାରିବେ, ସେ ବାବଦରେ ଆଲୋଚନା ହୋଇଥିଲା।



ଏହି ମେଳାରେ ସ୍ୱୟଂସହାୟିକା ଗୋଷ୍ଠୀ ମହିଳାଙ୍କ ଦ୍ୱାରା ମାଣ୍ଡିଆରୁ ବିଭିନ୍ନ ପ୍ରକାର ଖାଦ୍ୟ ପ୍ରସ୍ତୁତ କରି ପୁଷ୍ଟିକର ଖାଦ୍ୟର ପ୍ରଚାର, ପ୍ରସାର କରାଯାଇଥିଲା। ଶେଷରେ ମାଣ୍ଡିଆ ଚାଷରେ ସଫଳତା ପାଇ ଉଦାହରଣ ସୃଷ୍ଟି କରିଥିବା ୧୯ଟି ଏସଏସଜି ଗ୍ରୁପ ମହିଳାଙ୍କୁ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା।

**ବେତନଟୀ:** ବେତନଟୀର ବିଭିନ୍ନସ୍ଥାନରେ ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଯାଇଛି। ବିଚାର ବିଭାଗ ଅଦାଲତ ପ୍ରକୋଷ୍ଠରେ ବେତନଟୀ ବାର୍ ଆସୋସିଏସନ୍‌ର ପଦାଧିକାରୀଙ୍କ ଉପସ୍ଥିତି ତଥା ମୁଖ୍ୟ ଅତିଥି ଭାବେ ତାଲୁକ ଆଇନ ସେବାର ମୁଖ୍ୟ ବିଚାରପତି ରଶ୍ମୀ ନାରାୟଣୀ ମିଶ୍ରଙ୍କ ଅଧ୍ୟକ୍ଷତାରେ ସଭାକାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ଏଥିରେ ବକ୍ତା ଭାବେ ପ୍ରଭାତୀ ମହାନ୍ତି, ରୁପଶ୍ରୀ ବାରିକଙ୍କ ସହ ପ୍ରବୀର କୁମାର ବାରିକ, ସମ୍ପାଦକ ଏବଂ ଆଇନଜୀବୀ ସଂହିତା ଦାସ, ସଞ୍ଜୟ କୁମାର ରାଉତ, ସଚ୍ଚିଦାନନ୍ଦ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ବିଶେଷ ଉଲ୍ଲେଖନୀୟ କାର୍ଯ୍ୟ ନିମନ୍ତେ ତିନିଜଣ ମହିଳାଙ୍କୁ ସମ୍ମାନିତ କରାଯିବା ପରେ ଦେବବ୍ରତ ପରିଡ଼ା ଧନ୍ୟବାଦ ଜ୍ଞାପନ କରିଥିଲେ। ଏତଦ୍‌ବ୍ୟତୀତ ଇନ୍ଦିରା ନଗରର ବିଶ୍ୱଜନନୀ ମହିଳା ମହାସଂଘ ଆନୁକୂଲ୍ୟରେ ମଧ୍ୟ ଦିବସଟିକୁ ମହାଆଡମ୍ବର ସହକାରେ ପାଳନ କରାଯାଇଥିଲା। ସଭାନେତ୍ରୀ ନିର୍ମଳା ସାହୁଙ୍କ ଆବାହକତ୍ୱରେ ଅନୁଷ୍ଠିତ ସଭାରେ ସଭାପତି ଭାବେ ବାସୁଦେବ ନାପିତ, ମୁଖ୍ୟଅତିଥି ଭାବେ ସିଭିଲ ସୋସାଇଟିର ସମ୍ପାଦକ ସଚ୍ଚିଦାନନ୍ଦ ମହାନ୍ତି, ମୁଖ୍ୟବକ୍ତା ପୂର୍ବତନ ଅଧ୍ୟକ୍ଷା ସଂଯୁକ୍ତା ଜୀ, ବିଶେଷ ଅତିଥି ପ୍ରଫେସର ଉଷା ଶତପଥୀ ଓ ମନୋରଞ୍ଜନ ପରିଡ଼ା, ବକ୍ତା ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଅନିଲ କୁମାର ମାଇତି, ଅଧ୍ୟାପିକା କଳ୍ପଲତା ବେହେରା, ସହଦେବ ଗିରି, ସମାଜସେବୀ ହୃଦାନନ୍ଦ ସାହୁ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ନାରୀ ସଶକ୍ତିକରଣ ଓ ମହିଳା ଦିବସ ପାଳନ ସମ୍ବର୍ଦ୍ଧିତ ଜ୍ଞାପନ କରାଯାଇଥିଲା। ବିନତା ବେହେରା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

